# Akashvani, Sambalpur

## SAMBALPURI NEWS BULLETIN

### 4 May 2025- 6.47- 6.52 am.

**********************************************

ରାଷ୍ଟ୍ରପତି- ମେଡ଼ିଏସନ୍              ଏନ୍‌ଏସ୍‌ଡି

ନ୍ୟାୟ ଯୁଗାବାର୍ ଦିଗେ ମଧ୍ୟସ୍ଥତା ଗୁଟେ ଜରୁରୀ ଭାଗ୍ ଆଏ । ୨୦୪୭ ବିକଶିତ୍ ଭାରତ୍ ସପନ୍ ପୁରା କର୍‌ବାର୍ ଲାଗି ମଧ୍ୟସ୍ଥତା ଗୁଟେ ବର୍‌କସ୍ ଉପାଦାନ୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ମଧ୍ୟସ୍ଥତା ସଂଘର୍ ଶୁଭାରମ୍ଭ କର୍‌ବାର୍ ସହେତେ ପହେଲା ଜାତୀୟ ମଧ୍ୟସ୍ଥତା ସମ୍ମିଲନୀ ୨୦୨୫ ର ଉଦ୍‌ଘାଟନୀ ଅବ୍‌ସରେ ରାଷ୍ଟ୍ରପତି କହିଛନ୍, ଆଲୋଚନା, ବୁଝାମଣା ଆଉ ସହଯୋଗ୍‌କେ ମଧ୍ୟସ୍ଥତା ତହଁକାସି । ସମ୍ମିଲନୀଥି ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ସଞ୍ଜିବ୍ ଖନ୍ନା , ଆଇନ୍ ଆଉ ନ୍ୟାୟମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଦିଘା ଜଗନ୍ନାଥ୍ ମନ୍ଦିର୍ ପ୍ରସଙ୍ଗ        ପୁରୀ ସମ୍ବାଦଦାତା

ପଶ୍ଚିମବଙ୍ଗ୍‌ର ଦିଘା ଠାନେ ଜଗନ୍ନାଥ୍ ମନ୍ଦିର୍ ପ୍ରତିଷ୍ଠା ଘଟ୍‌ନାକେ ନେଇକରି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କୁ ଚିଠି ଲେଖିକରି ଜବାବ୍ ମାଗିଛନ୍ । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ କାର୍ଯ୍ୟାଲୟ ଠାନେ ଶ୍ରୀପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ବସିଥିଲା । ବୈଠକ୍‌ଥି ପୁରୀ ଶ୍ରୀମନ୍ଦିର୍‌ର ନବକଳେବର ବେଲ୍‌କେ ଅଗ୍‌ଲୁଥିବା ଦାରୁ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସେଆଡ଼େ ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ ଆଏଜ୍ ଉପର୍‌ବେଲା ୫ ବଜେତକ୍ ଘଟ୍‌ନାକେ ନେଇକରି ମତାମତ୍ ରଖିବାର୍ ଲାଗି ସବୁ ନିଯୋଗ୍‌ମାନ୍‌କୁ ଚିଠି କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ରାଏଜେ ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

କଟକ୍ ରିଂରୋଡ଼- ଦୁର୍ଘଟଣା ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ଠାନେ ରିଂରୋଡ଼୍ ସମ୍ପ୍ରସାରଣ୍ କାମ୍ ଚାଲିଥିବାର୍ ବେଲ୍‌କେ ହେଇଥିବା ଦୁର୍ଘଟଣାଥି ୨ ଝନ୍ ଯନ୍ତ୍ରୀଙ୍କର୍ ସହେତେ ୩ ଝନ୍‌କର୍ ଜୀବନ୍ ଯାଇଛେ ଆଉ ୨ ଝନ୍ ଜବର୍ ଜଖମ୍ ହେଇକରି କଟକ୍ ଏସ୍‌ସିବି ମେଡ଼ିକାଲ୍ ନ ଚିକିତ୍ସିତ୍ ହେଉଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘଟ୍‌ନା ବାବ୍‌ଦେ ଜାନିକରି ଗଭୀର ଶୋକ ପ୍ରକାଶ୍ କର୍‌ବାର୍ ସହେତେ ମୃତକଙ୍କର୍ ପରିବାର୍‌କେ ୫ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ ।

ନିଟ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏ ତର୍‌ଫୁ ସର୍ବଭାରତୀୟ ସ୍ତର୍‌ଥି ଡାକ୍ତରୀ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ନିଟ୍ -୨୦୨୫ ଆଏଜ୍ ଦେଶ୍ ଆଉ ବିଦେଶ୍‌ର ୧୩ ଟା ଜାଗା ନ ୫ ହଜାର୍ ୪ ଶହ ୫୩ ପରୀକ୍ଷା କେନ୍ଦ୍ର ନ ହେବା । ଇ ପରୀକ୍ଷା ଉପର୍‌ବେଲା ୨ ବଜେନୁ ୫ ବଜେତକ୍ ହେବା । ଇଥିର୍‌ଲାଗି ପାଖାପାଖି ୨୨ ଲାଖ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପଞ୍ଜିକରଣ୍ କରିଛନ୍ ।

ଆଇଆଇଏମ୍‌ସି -ନାଁଲେଖା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍‌ସି ଢେଙ୍କାନାଲ୍ ନ ଓଡ଼ିଆ ସାମ୍ବାଦିକତାଥି ସ୍ନାତକୋତର୍ ଡିପ୍ଲୋମା ପାଠ୍ୟକ୍ରମ ନ ନାଁଲେଖାବାର୍ ଲାଗି ଅନ୍‌ଲାଇନ୍ ଆବେଦନ୍ ସମିଆକେ ମେ ୧୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇଚ୍ଛୁକ ଛାତ୍ରଛାତ୍ରୀ www.iimc.gov.in ୱେବ୍‌ସାଇଟ୍ ନୁ ନାଁଲେଖା ଫର୍ମ ଡାଉନ୍‌ଲୋଡ୍ କରିପାର୍‌ବେ । ଛାତ୍ରଛାତ୍ରୀ ଗୁଗୁଲ୍ ଫର୍ମ ଜରିଏ ଭିଲ୍ ଆବେଦନ୍ କରିପାର୍‌ବେ ବଲି ଆଇଆଇଏମ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶୀତଲ୍‌ଷଷ୍ଠୀ-ସମନ୍ୱୟ କମିଟି ବୈଠକ    ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଆଘୋନୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ପହେଲା ପ୍ରସ୍ତୁତି ଆଉ ସମନ୍ୱୟ କମିଟି ବୈଠକ୍ ଜିଲ୍ଲା ପରିଷଦ୍ କାର୍ଯ୍ୟାଳୟ ନ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସବୁ ପ୍ରଶାସନିକ୍ ଅଧିକାରୀ ଆର୍ ଶୀତଲ୍‌ଷଷ୍ଠୀ ଯାତ୍ରା କମିଟିର୍ କାର୍ଯ୍ୟକର୍ତା ଆର୍ ସଦସ୍ୟମାନେ ଉପସ୍ଥିତ୍ ଥିଲେ । ଇ ମାସ ୨୭ ତାରିଖ୍‌ନୁ ଜୁନ୍ ୨

ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଯାତ୍ରାକେ ଶୃଙ୍ଖଳିତ୍ ଆଉ ବ୍ୟବସ୍ଥିତ୍ ଭାବେ କର୍‌ବାର୍ ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବ୍ୟବସ୍ଥା କରାଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

ନୂଆପଡ଼ା- ଓଭର୍‌ବ୍ରିଜ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆପଡ଼ା ସଦର୍ ବିଜୁ ଏକ୍ସପ୍ରେସ୍ ୱେ ରେଲ୍ ଫାଟକ୍ ନ ୨ ଶହ ୩୮ କୋଟି ଟଙ୍କା ଖର୍ଚ୍ଚାଥି ଗୁଟେ ଓଭର୍‌ବ୍ରିଜ୍ ତିଆର୍ ହେବା । ଇ ବାବ୍‌ଦେ ଗଲାକାଏଲ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜମି ଅଧିଗ୍ରହଣ୍ ଲାଗି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ ।

କଳିଙ୍ଗ ସୁପର କପ୍ ଫୁଟବଲ I&PR

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍-୨୦୨୫ ର ଫାଇନାଲ୍ ମେଚ୍‌ଥି ଏଫ୍.ସି. ଗୋଆ ଦଲ୍ ଚାମ୍ପିଅନ୍ ହେଇଛେ । ଏଫ୍‌ସି ଗୋଆ - ଜାମସେଦପୁର ଏଫ୍‌ସି ଦଲ୍‌କେ ୩-ଶୂନ୍ ଗୋଲ୍ ଦେଇକରି ଟାଇଟଲ୍ ହାସଲ୍ କରିଛେ । ଗଲାକାଏଲ୍ ହେଇଥିବା ଫାଇନାଲ୍ ମେଚ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍, ଝାର୍‌ସୁଗୁଡ଼ା ବିଧାୟକ୍ ଆର୍

ଓଡ଼ିଶା ଫୁଟ୍‌ବଲ୍ ସଂଘ ସଭାପତି ଟଙ୍କଧର ତ୍ରିପାଠୀ, ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗ୍ ଦେଇକରି ବିଜେତା ଦଲ୍‌କେ ଶୁଭେଚ୍ଛା ଜନେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଏପ୍ରିଲ୍ ୨୦ ତାରିଖ୍‌ନୁ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଇ ଟୁର୍ଣ୍ଣାମେଂଟ୍ ମୁଲ୍ ହେଇଥିଲା ।

ଖେଲୋ ଇଣ୍ଡିଆ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୭ ତାରିଖ୍‌ନୁ ବିହାର୍ ଠାନେ ୧୮ ବଛର୍‌ନୁ କମ୍ ଖେଲୋ ଇଣ୍ଡିଆ ମୁଲ୍ ହେବା । ଇଥିର୍‌ଲାଗି ଗଲାକାଏଲ୍ ଓଡ଼ିଶା ଦଲ୍ ଘୋଷ୍‌ନା କରାଯାଇଛେ । ୨୨ ଝନିଆ ଓଡ଼ିଶା ଦଲର୍ ଖେଲାଳି ମାନେ ଗଲାକାଏଲ୍ ବିହାର୍ ଯାଇଛନ୍ ।

ଫସଲ୍ ନୁକ୍‌ସାନ୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଭଟ୍‌ଲି ବ୍ଲକ୍‌ର ଭିନ୍ ଭିନ୍ ଗାଁ ନ ଗଲାକାଏଲ୍ ହେଇଥିବା ଜବର୍ କରାମାଡ଼ ଆଉ ବର୍ଷା ଲାଗି ବହୁତ୍‌ଟେ ଫସଲ୍ ନୁକ୍‌ସାନ୍ ହେଇଥିବାର୍ ଜନାପଡ଼ିଛେ । ଧାନ୍ ଚାଷ୍ ସହେତେ ପନିପରିବା ଚାଷ୍‌ଥି

ଭିଲ୍ ବହୁତ୍‌ଟେ କ୍ଷୟକ୍ଷତି ହେଇଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ପାଣିପାଗ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ତାପମାତ୍ରା କମିଛେ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ବଡ଼ଭାଗୀ ଜାଗାନ ଧୁକାଗର୍ଡ଼ି ଆର୍ ଘଡ୍‌ଘଡ଼ି ସାଙ୍ଗେ ହାଲ୍‌କାନୁ ମଧ୍ୟମ ବର୍ଷା ହେଇପାରେ । ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ବାଲେଶ୍ୱର୍, ମାଲ୍‌କାନ୍‌ଗିରି, କୋରାପୁଟ୍, ଗଜପତି ଆର୍ ରାୟଗଡ଼ା ଜିଲ୍ଲା ନ ଜବର୍ ଧୁକାଗର୍ଡ଼ି, ବର୍ଷା, ଚଡ଼କ୍ ଆର୍ କରା ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତରଫୁ ସତର୍କ ସୂଚନା ଜାରି କରିଛେ । ଆଏବା ୩/୪ ଦିନ୍‌ତକ୍ ପାଗ୍ ଏନ୍ତା ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ ।